## କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୨୦ ମସିହା ମାର୍ଚ୍ଚ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ଅଧିକ ଅମଳକ୍ଷମ ଧାନ ରୋଇବାର ୬୦ ଦିନ ପରେ ଅନୁମୋଦିତ ପରିମାଣର ଏକ ଚତୁର୍ଥାଂଶ ଯବକ୍ଷାରଜାନ ସାର (ଅର୍ଥାତ୍ ଏକର ପିଛା ୨୧ କି.ଗ୍ରା. ହିସାବରେ ୟୁରିଆ) ଶେଷ କିସ୍ତି ସାର ହିସାବରେ ପ୍ରୟୋଗ କରନ୍ତୁ । ମାତ୍ର ଶଙ୍କର କିସମ ଧାନରେ ଅନୁମୋଦିତ ଯବକ୍ଷାରଜାନ ଏବଂ ପଟାସ୍ ସାରର ଏକ ଚତୁର୍ଥାଂଶ (ଅର୍ଥାତ୍ ୟୁରିଆ ଏକର ପିଛା ୨୬ କି.ଗ୍ରା. ଏବଂ ପଟାସ୍ ସାର ଏକର ପିଛା ୧୦ କି.ଗ୍ରା.) ହିସାବରେ ଶେଷ କିସ୍ତି ସାର ଭାବରେ ପ୍ରୟୋଗ କରନ୍ତୁ । ବାଦାମୀ ଗୁଣ୍ଡି ପୋକ ଉପଦ୍ରୁତ ଅଞ୍ଚଳରେ ଶେଷ କିସ୍ତି ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ନାହିଁ ।
- ପାଣିପାଗ ବିଭାଗର ପୂର୍ବାନୁମାନ ହିସାବରେ, ଯଦି ମାର୍ଚ୍ଚ ମାସର ତୃତୀୟ ସପ୍ତାହ ବେଳକୁ ମେଘୁଆ ପାଗ ସହିତ ଝିପିଝିପି ବର୍ଷା ଲାଗି ରହେ, ତେବେ ମହିଷାରୋଗ ହେବାର ସମ୍ଭାବନା ଅଧିକ ହୋଇଯିବ । ଯଦି ମହିଷା ରୋଗର ଲକ୍ଷଣ ଦେଖାଯାଏ ତେବେ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ସହିତ ଟେବୁକୋନାଜୋଲ୍ (ବାନ୍, ବିମ୍) ୦.୪ ଗ୍ରାମ୍ ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।
- ବାଦାମୀ ପତ୍ର ଚିତା ରୋଗ ଦମନ ପାଇଁ ଏକର ପିଛା ୫୦୦ ଗ୍ରାମ୍ ମ୍ୟାନ୍କୋଯେବ୍ କିମ୍ବା ୨୦୦ ମି.ଲି. ପ୍ରୋପିକୋନାଜୋଲ ମିଶାଇ ପ୍ରୟୋଗ କରନ୍ତୁ । ଏଥିସହିତ ପଟାସ୍ ସାର ଅତିରିକ୍ତ କିସ୍ତି ଭାବରେ ଏକର ପିଛା ୬ କି.ଗ୍ରା. ହିସାବରେ (ମ୍ୟୁରେଟ୍ ଅଫ୍ ପଟାସ୍ ୧୦ କି.ଗ୍ରା. ପ୍ରତି ଏକର) ପ୍ରୟୋଗ କରନ୍ତୁ ।
- କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆ ଧାନରେ ଏକର ପିଛା ୩ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ଟ୍ରାଇକୋଗାମା ଜାପୋନିକମ୍ ପରଭୋଜୀ ପୋକର ୨୦,୦୦୦ ଅଣ୍ଡା (ଅର୍ଥାତ୍ ଗୋଟିଏ ଟ୍ରାଇକୋକାର୍ଡ) ସପ୍ତାହ ଅନ୍ତରରେ ତିନିଥର ପ୍ରୟୋଗ କରନ୍ତୁ କିମ୍ବା ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ଏକର ପିଛା ୬୦୦ ରୁ ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୪% ଜି.ଆର୍ ୪ କି.ଗ୍ରା.କୁ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା ବ୍ୟବହାର କରନ୍ତୁ କିମ୍ବା ଏକର ପିଛା କାର୍ବୋଫ୍ୟୁରାନ୍ ୩% ୧୦ କି.ଗ୍ରା ବ୍ୟବହାର କରନ୍ତୁ ।

******